# ଚତୁର୍ଥ ପର୍ଯ୍ୟାୟ ତାଲାବନ୍ଦ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀର ଅନୁପାଳନ ନିମନ୍ତେ ଜିଲ୍ଲା ପ୍ରଶାସନର ବିଜ୍ଞପ୍ତି ଜାରି ।

ନଂ : 193/Res. ତା.19.05.2020/

ଚତୁର୍ଥ ପର୍ଯ୍ୟାୟ ତାଲାବନ୍ଦକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ତରଫରୁ ଜାରି ହୋଇଥିବା ନିର୍ଦ୍ଦେଶନାମାର ଅନୁପାଳନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି । ସଂପ୍ରତି କୋଭିଡ଼-19କୁ ପ୍ରତିରୋଧ କରିବା ନିମନ୍ତେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଚଳିତ ମାସ 18 ତାରିଖରୁ 31 ତାରିଖ ମଧ୍ୟ ରାତ୍ର ପର୍ଯ୍ୟନ୍ତ ତାଲାବନ୍ଦ ଘୋଷଣା କରାଯାଇଛି।

ପୂର୍ବ ନିର୍ଦ୍ଦେଶନାମା ଭଳି ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ, ସିନେମା ହଲ୍, ସପିଙ୍ଗ ମଲ, ଜିମ୍, ସୁଇମିଂ ପୁଲ୍, ଆମୋଦ ପ୍ରମୋଦ ପାର୍କ, ଥିଏଟର, ବାର୍, ପ୍ରେକ୍ଷାଳୟ, ସମାଗମ ପ୍ରକୋଷ୍ଠ ଆଦି ବନ୍ଦ ରହିବ । ଏହା ଛଡ଼ା, ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡ଼ା, ମନୋରଞ୍ଜନ, ପାଠ୍ୟ ସମ୍ବନ୍ଧୀୟ, ସାଂସ୍କୃତିକ, ଧାର୍ମିକ ସମାବେଶ ସମେତ ଯେକୌଣସି ଜନସମାଗମ କାର୍ଯ୍ୟକ୍ରମ ବନ୍ଦ ରହିବ । ସମସ୍ତ ସ୍କୁଲ୍, କଲେଜ୍ ଓ କୋଚିଙ୍ଗ ସେଣ୍ଟର୍ ପୂର୍ବ ଭଳି ବନ୍ଦ ରହିବ । ସମସ୍ତ ଧାର୍ମିକ ପୂଜା ସ୍ଥଳୀ ବନ୍ଦ ରହିବ । କେବଳ ପୂଜକଙ୍କ ଦ୍ୱାରା ବିଧିକାର୍ଯ୍ୟ କରାଯାଇପାରେ । ପରିବର୍ତ୍ତିତ ନିୟମାବଳୀ ଅନୁଯାୟୀ, ବିବାହ କାର୍ଯ୍ୟରେ ସର୍ବାଧିକ 50 ଜଣ ଓ ଅନ୍ତ୍ୟେଷ୍ଟି କ୍ରିୟାରେ 20 ଜଣଙ୍କୁ ନେଇ କାର୍ଯ୍ୟବିଧି ସମ୍ପନ୍ନ କରାଯିବ । ଆନ୍ତଃ ଜିଲ୍ଲା ଏବଂ ଜିଲ୍ଲା ମଧ୍ୟରେ ବସ ସେବା ମଧ୍ୟ ବନ୍ଦ ରହିବ ।

ଜିଲ୍ଲା ଭିତରେ ଏବଂ ରାଜ୍ୟ ମଧ୍ୟରେ ବସକୁ ଛାଡ଼ି ଅନ୍ୟ ସବୁ ଗାଡ଼ି ଯଥା ଟାକ୍ସି, ଅଟୋରିକ୍ସା, କାର ଓ ଦୁଇ ଚକିଆ ଯାନ ଇତ୍ୟାଦି ଚଳାଚଳ କରିପାରିବ । ରାଜ୍ୟ ବାହାରେ ଓ ରାଜ୍ୟ ମଧ୍ୟରେ ସମସ୍ତ ମାଲ୍ ପରିବହନ କରୁଥିବା ଗାଡ଼ି ଗୁଡ଼ିକ (ଖାଲି ଗାଡ଼ି ମଧ୍ୟ) ବିନା ଅବରୋଧରେ ଚଳ ପ୍ରଚଳ କରିପାରିବେ । ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ କେବଳ ପାର୍ସଲ ଖାଦ୍ୟକୁ ହୋମ ଡ଼େଲିଭରୀ ମାଧ୍ୟମରେ ଦେଇ ପାରିବେ । ରାସ୍ତା ପାର୍ଶ୍ୱରେ ବିକ୍ରୟ କରୁଥିବା ଖାଦ୍ୟ ସାମଗ୍ରୀ ଦୋକାନ ବନ୍ଦ ରହିବ । ସମସ୍ତ ଶିକ୍ଷାନୁଷ୍ଠାନ, ତାଲିମ ଓ ପ୍ରଶିକ୍ଷଣ କେନ୍ଦ୍ର ଗୁଡ଼ିକ ଅନଲାଇନ୍ ମାଧ୍ୟମରେ ଶିକ୍ଷା ଦେଇପାରିବେ । ବନ୍ଦ ହୋଇଥିବା ସ୍ପୋର୍ସ କମ୍ପ୍ଲେକ୍ସ ଓ ଷ୍ଟାଡ଼ିୟମ୍ ଖୋଲା ରହିପାରିବ । କେବଳ ଖେଳାଳି ଓ କ୍ରୀଡ଼ାବିତଙ୍କ ବ୍ୟତୀତ ଦର୍ଶକଙ୍କ ବସିବାକୁ ବାରଣ କରାଯାଇଛି ।

ଦୁଇ ଚକିଆ ଯାନ, ଘରୋଇ ଯାନ, ସରକାରୀ ଯାନ, ଟାକ୍ସି ଓ କାବ୍ ସେବା ଇତ୍ୟାଦିର ଆନ୍ତଃ ରାଜ୍ୟ ଚଳାଚଳ ଅନୁମୋଦିତ ଅଟେ । ପୂର୍ବଭଳି ଅନୁଗୋଳର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସଂଧ୍ୟା 7 ରୁ ସକାଳ 7 ପର୍ଯ୍ୟନ୍ତ 144 ଧାରା ଜାରି ରହିବା ସହ ରାତ୍ରୀ କାଳୀନ କର୍ଫ୍ୟୁ ବଳବତ୍ତର ରହିବ । ସେହିପରି ପ୍ରତ୍ୟେକ ଅସ୍ଥାୟୀ ମେଡ଼ିକାଲ୍ ଶିବିରର 100 ମିଟର ବ୍ୟାସାର୍ଦ୍ଧ ମଧ୍ୟରେ 144 ଧାରା (24 ଘଣ୍ଟିଆ କର୍ଫ୍ୟୁ) ବଳବତ୍ତର ରହିବ । କୋଭିଡ଼ ହସ୍ପିଟାଲ୍ ଓ କୋଭିଡ଼ କେୟାର ସେଣ୍ଟର ଚତୁଃପାର୍ଶ୍ୱରେ କଣ୍ଟେନମେଣ୍ଟ ଜୋନ୍ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ କଟକଣା ବଳବତ୍ତର ରହିବ ।

65 ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ଗର୍ଭବତୀ ମହିଳା ଓ ଦଶ ବର୍ଷରୁ କମ୍ ବୟସର ଶିଶୁ ମାନେ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି ।

ଆଣ୍ଡ୍ରଏଡ ମୋବାଇଲ ଥିବା ସମସ୍ତ ବ୍ୟକ୍ତିମାନେ ଆରୋଗ୍ୟ ସେତୁ ଆପ୍ଲିକେସନ୍ ଡାଉନଲୋଡ୍ କରି ଏହାର ବ୍ୟବହାର କରିବାକୁ ପରାମର୍ଶ ଦିଆ ଯାଇଛି । ସମସ୍ତ ଡ଼ାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନେ ବିନା ଅବରୋଧରେ ରାଜ୍ୟ ଭିତରେ ଓ ରାଜ୍ୟ ବାହାରକୁ ଚଳପ୍ରଚଳ କରିପାରିବେ । ରାଜ୍ୟ ସରକାରଙ୍କ ଅଧିନରେ ଥିବା ସମସ୍ତ କାର୍ଯ୍ୟାଳୟ ଗୁଡ଼ିକ ଶତ ପ୍ରତିଶତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ।

ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ **ସକାଳ 7.00 ଘଣ୍ଟାରୁ ଅପରାହ୍ନ 2.00 ଘଣ୍ଟା ପର୍ଯ୍ୟନ୍ତ** ଖୋଲା ରହିବ । ବ୍ୟବସାୟୀକ ପ୍ରତିଷ୍ଠାନ ସମେତ ଅନ୍ୟାନ୍ୟ ସମସ୍ତ ଅନୁମୋଦିତ କାର୍ଯ୍ୟକ୍ରମ ମାନଙ୍କରେ ସାମାଜିକ ଦୂରତା ଅବଲମ୍ବନ ସହିତ ମାସ୍କ ପିନ୍ଧିବା ବାଧ୍ୟତା ମୂଳକ ଅଟେ, ଏଥିରେ ବ୍ୟତିକ୍ରମ ହେଲେ ସଂପୃକ୍ତ ବ୍ୟବସାୟୀକ ପ୍ରତିଷ୍ଠାନ/କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯିବ । ଦୋକାନ, ବଜାର ଓ କୌଣସି ସର୍ବସାଧାରଣ ସ୍ଥାନରେ କେହି ଛେପ/ଥୁକ ପକାଇବା ଦଣ୍ଡନୀୟ ଅପରାଧ ଅଟେ । ଉପରୋକ୍ତ ତାଲାବନ୍ଦ ନିୟମାବଳୀ ଓ ଜାତୀୟ ନିର୍ଦ୍ଦେଶନାମାର ଉଲ୍ଲଙ୍ଘନ ପରିଦୃଷ୍ଟ ହେଲେ ବିପର୍ଯ୍ୟୟ ପରିଚାଳନା ଆଇନ 2005 ଧାରା 51 ରୁ 60, ସଂକ୍ରାମକ ରୋଗ ଆଇନ୍, 1897 ଓ ଭାରତୀୟ ପିଙ୍ଗଳ କୋଡ୍ ଧାରା 188 ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲ୍ଲାପାଳ, ଅନୁଗୋଳ